**ବିଦ୍ୟାଳୟ ପାଇଁ ନେତୃତ୍ୱ ପ୍ରଦାନ: ଶୈକ୍ଷିକ ପରିବେଶ**

| ଓଡ଼ିଆ |
|---|
| ଯେତେବେଳେ ମୁଁ ଶ୍ରେଣୀଗୃହକୁ ଯାଏ, ଶିକ୍ଷକ ଓ ପିଲାମାନେ ଅଧ୍ୟକ୍ଷଙ୍କୁ ତାଙ୍କ ଗହଣରେ ପାଇ ଏବଂ ସେମାନଙ୍କ କାର୍ଯ୍ୟଧାରା ଲକ୍ଷ୍ୟ କରିବା ଦେଖି ଖୁସି ହୁଅନ୍ତି। |
| ପିଲାମାନେ ଖୁସି ହୁଅନ୍ତି ଏବଂ ଶିକ୍ଷକମାନେ ମଧ୍ୟ ଆନନ୍ଦ ଅନୁଭବ କରନ୍ତି ଯେ, ସେମାନେ ଶ୍ରେଣୀରେ ଯାହା ପଢ଼ାଉଛନ୍ତି ଅଧ୍ୟକ୍ଷ ତାହାକୁ ଅନୁଧ୍ୟାନ କରୁଛନ୍ତି। |
| ପିଲାମାନଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼େ ଏବଂ ଶିକ୍ଷକ ଓ ପିଲାମାନଙ୍କ ମଧ୍ୟରେ ଉତ୍ତମ ବାତାବରଣ ସୃଷ୍ଟି ହୁଏ। |
| ପିଲାମାନେ ଆନନ୍ଦରେ ପଢ଼ନ୍ତି। ଗୋଟିଏ ପିଲା କିଛି ଉଚ୍ଚାରଣ କରେ ଏବଂ ଅନ୍ୟ ପିଲାମାନେ ପାଳି ଧରି କହିଥାନ୍ତି। ଯେଉଁମାନେ ନୂଆ କରି ପଢୁଥାନ୍ତି ସେମାନେ ଏହା ଶିଖିବାକୁ ଚେଷ୍ଟା କରନ୍ତି ଓ ସମସ୍ତେ ଭଲ ଭାବରେ ଶିଖିଥାନ୍ତି। |
| ମୁଁ ଏହି ସ୍କୁଲକୁ ଆସିବା ପରଠାରୁ ସ୍କୁଲର ପରିଚ୍ଛନ୍ନତା ଓ ସମୟାନୁବର୍ତ୍ତିତାକୁ ଅଗ୍ରାଧିକାର ଦେଇଛି। |
| ଶିକ୍ଷକମାନେ ସବୁବେଳେ ମୋ ସହିତ ସହଯୋଗ କରିଥାନ୍ତି ଏବଂ ମୋତେ ସାହାଯ୍ୟ କରିବା ପାଇଁ ଖୁସିରେ ଆଗେଇ ଆସିଥାନ୍ତି। |
| ମୁଁ ଏଠାକୁ ଆସିବା ପର ଠାରୁ ସ୍କୁଲ ଠିକ୍ ସମୟରେ ଖୋଲୁଛି। ପିଲାମାନେ ଠିକ୍ ସମୟରେ ପହଞ୍ଚୁଛନ୍ତି। ପ୍ରତ୍ୟେକ ଅଧିବେଶନ ଠିକ୍ ସମୟରେ ଆରମ୍ଭ ହେଉଛି। ସ୍କୁଲ୍ ପରିଷ୍କାର ରହିଛି ଏବଂ ସମସ୍ତ କ୍ଲାସ୍ ଠିକ୍ ସମୟରେ ଚାଲୁଛି। |
| ସମସ୍ତ ପିଲା ଏବଂ ଶିକ୍ଷକମାନେ ଠିକ୍ ସମୟରେ ଶ୍ରେଣୀରେ ଉପସ୍ଥିତ ରହୁଛନ୍ତି। |
| ଯଦିଓ ଆମ ସମ୍ମୁଖରେ ଅନେକ ଆହ୍ୱାନ ରହିଛି, ମୁଁ କୌଣସି ବଡ଼ଧରଣର ସମସ୍ୟା ଲକ୍ଷ୍ୟ କରୁନାହିଁ। |
| ମୁଁ ଶିକ୍ଷକ ଓ ପିତାମାତାଙ୍କ ସହିତ କାମ କରିଛି। ସେମାନଙ୍କ ସହଯୋଗ ଓ ସମସ୍ତଙ୍କ ସାହାଯ୍ୟରେ ମୁଁ ମୋର କାମ କରୁଛି। |